ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ମହାବୀର ପ୍ରସାଦ ଶର୍ମା ଏବଂ ଅନ୍ୟମାନେ

ଫେବୃଆରୀ 7, 1994

[କେ. ରାମାସ୍ୱାମୀ ଏବଂ ବି. ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତି]

*ସେବା ଆଇନ : ଚୟନ ଏବଂ ନିଯୁକ୍ତି – ପ୍ରାର୍ଥୀ ପ୍ରତୀକ୍ଷା-ତାଲିକାଭୁକ୍ତ – ନିଯୁକ୍ତି ପାଇଁ ଦାବି – ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଯେ, କାମଚଳା ନିଯୁକ୍ତି କରିବା ସମୟରେ ସେମାନଙ୍କୁ ବିଚାର କରାଯିବ – ଦର୍ଶାଯାଇଛି : ସମର୍ଥକାରୀ ନିର୍ଦ୍ଦେଶ ଏବଂ ତେଣୁ ବୈଧ ।*

ଅପିଲକାରୀ-ରାଜ୍ୟ ସଂରକ୍ଷିତ ଏବଂ ସାଧାରଣ ବର୍ଗରୁ 11 ଜଣ ମୁଖ୍ୟ ନିରୀକ୍ଷକଙ୍କ ନିଯୁକ୍ତି ପାଇଁ ଅଧସ୍ତନ ଚୟନ ସମିତିକୁ ଅନୁରୋଧ କରିଥିଲେ । ସେହି ଅନୁଯାୟୀ ସମିତି 11 ଜଣ ପ୍ରାର୍ଥୀଙ୍କୁ ଚୟନ କରିଥିଲେ ଏବଂ ଚାରି ଜଣ ପ୍ରାର୍ଥୀଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଥିଲେ । ଏହି ଚାରିଜଣ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ଉଚ୍ଚ ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ, ପ୍ରତୀକ୍ଷା ତାଲିକାରେ ଥିବା ପ୍ରାର୍ଥୀଙ୍କ ସପକ୍ଷରେ ଏହି ପଦବୀ ପାଇଁ କୌଣସି ଅଧିକାର ସୃଷ୍ଟି କରାଗଲା ନାହିଁ, କିନ୍ତୁ ଯଦି ରାଜ୍ୟ, ପ୍ରଶାସନିକ ଆବଶ୍ୟକତା ପାଇଁ, କାମଚଳା ଭିତ୍ତିରେ ଏହି ପଦବୀ ପୂରଣ କରେ, ତେବେ ସେମାନଙ୍କୁ ଯୋଗ୍ୟତା କ୍ରମରେ ଏହା ନିଯୁକ୍ତି ଦେଇପାରେ । ଏହି ଆଦେଶ ବିରୁଦ୍ଧରେ ରାଜ୍ୟ ବର୍ତ୍ତମାନର ଅପିଲକୁ ଏହି ଯୁକ୍ତି ଦର୍ଶାଇ ଆଗତ କରିଥିଲେ ଯେ, ତାଲିକା ପ୍ରସ୍ତୁତ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଛି ତେଣୁ ପ୍ରତୀକ୍ଷା ତାଲିକାରେ ଥିବା ପ୍ରାର୍ଥୀମାନଙ୍କର ନିଯୁକ୍ତି ପାଇବାର କୌଣସି ଅଧିକାର ନାହିଁ ।

ଅପିଲଗୁଡ଼ିକର ପରିସମାପ୍ତି କରି, ଏହି ନ୍ୟାୟାଳୟ

ଦର୍ଶାଇଛନ୍ତି : 1.1. ଯଦି ଅପିଲକାରୀମାନେ ପଦବୀରେ କୌଣସି ନିଯୁକ୍ତି ନ କରନ୍ତି, ତେବେ ପ୍ରତୀକ୍ଷା ତାଲିକା ପ୍ରାର୍ଥୀଙ୍କ ଦାବି ଉପରେ ବିଚାର କରିବାର ପ୍ରଶ୍ନ ଉଠୁନାହିଁ । ଯଦି ଅପିଲକାରୀମାନେ କାମଚଳା ଭିତ୍ତିରେ ମଧ୍ୟ ନିଯୁକ୍ତି କରିବାକୁ ପସନ୍ଦ କରନ୍ତି, ତେବେ ନିଶ୍ଚିତ ଭାବରେ ପ୍ରତୀକ୍ଷା ତାଲିକାରେ ଥିବା ପ୍ରାର୍ଥୀମାନେ, ଯଦିଓ ଏହା ସମାପ୍ତ ହୋଇଛି, ନିୟମାବଳୀ ବ୍ୟତିରେକ ହେଲେ ମଧ୍ୟ ନିଯୁକ୍ତି ପାଇଁ ବିଚାର କରାଯିବା ଆବଶ୍ୟକ ଯାହା ଭବିଷ୍ୟତରେ ନିଯୁକ୍ତି ପାଇଁ ସେମାନଙ୍କୁ କୌଣସି ଅଧିକାର ପ୍ରଦାନ କରିନପାରେ । ନିୟମିତ ନିଯୁକ୍ତି ଅପେକ୍ଷାରେ ଥିବା ଅସ୍ଥାୟୀ ନିଯୁକ୍ତି କରିବା ପାଇଁ ଏହା କେବଳ ଏକ ସମର୍ଥକାରୀ ନିର୍ଦ୍ଦେଶ ଅଟେ ।

1.2. ଉତ୍ତରଦାତାମାନେ ସାଧାରଣ ପ୍ରାର୍ଥୀ ହୋଇଥିବାରୁ କେବଳ ସାଧାରଣ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ସ୍ଥିରୀକୃତ ଅଂଶ ବିରୁଦ୍ଧରେ ବିଚାର କରାଯିବ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 896-898/1994 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 17600/1991, 2601 ଏବଂ 3741/1992ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 4.8.1992 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ ଇନ୍ଦୁ ମଲହୋତ୍ରା ।

ଉତ୍ତରଦାତାମାନଙ୍କ ପାଇଁ ମାଧବ ରେଡ୍ଡୀ ଏବଂ ପ୍ରେମ ମଲହୋତ୍ରା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

1. ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲି । ଏହି ଅପିଲଗୁଡ଼ିକ ଦେୱାନୀ ରିଟ୍ ଆବେଦନ ସଂଖ୍ୟା 17600/1991 ଇତ୍ୟାଦିରେ ଖଣ୍ଡପୀଠଙ୍କ ଅଗଷ୍ଟ 4, 1992 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ, ଅପିଲକାରୀ-ରାଜ୍ୟ ମୁଖ୍ୟ ନିରୀକ୍ଷକ ପଦବୀରେ ସିଧାସଳଖ 11 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ଅଧସ୍ତନ ଚୟନ ସମିତିକୁ ଅନୁରୋଧ କରିଥିଲେ । ସେମାନେ ଖାଲିଥିବା ପଦବୀଗୁଡ଼ିକୁ ନିମ୍ନମତେ ବର୍ଗୀକୃତ କରିଛନ୍ତି:-

ସାଧାରଣ ପ୍ରାର୍ଥୀଙ୍କ ପାଇଁ 6ଟି ପଦବୀ

ଅନୁସୂଚିତ ଜାତି ପାଇଁ 2ଟି ପଦବୀ

ପଛୁଆ ବର୍ଗ ପାଇଁ 1 ପଦବୀ

ପୂର୍ବତନ ସୈନିକଙ୍କ ପାଇଁ 2ଟି ପଦବୀ

11 ଜଣ ପ୍ରାର୍ଥୀ ଚୟନ କରିବା ସମୟରେ ସମିତି ଆହୁରି ଚାରି ଜଣ ପ୍ରାର୍ଥୀଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଥିଲେ । ଉତ୍ତରଦାତାମାନେ କ୍ରମାଙ୍କ ସଂଖ୍ୟା 8 ରୁ 11ରେ ଅଛନ୍ତି । ସେମାନେ ସ୍ୱୀକାରଯୋଗ୍ୟ ଭାବରେ ସାଧାରଣ ବର୍ଗର ଅଟନ୍ତି ।

2. ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଫଏସଲା କରିବା ସମୟରେ ଦର୍ଶାଇଥିଲେ ଯେ, ପ୍ରାର୍ଥୀମାନଙ୍କୁ ପ୍ରତୀକ୍ଷା ତାଲିକାରେ ରଖିବା ଦ୍ୱାରା ପଦବୀରେ ସେମାନଙ୍କ ସପକ୍ଷରେ କୌଣସି ଅଧିକାର ସୃଷ୍ଟି ହୁଏ ନାହିଁ, କିନ୍ତୁ ଯଦି ପ୍ରଶାସନିକ ଆବଶ୍ୟକତା ପାଇଁ ଅପିଲକାରୀ କାମଚଳା ଭିତ୍ତିରେ ପଦବୀ ପୂରଣ କରନ୍ତି ତେବେ ଅପିଲକାରୀଙ୍କ ପାଇଁ ତାଲିକାରେ ଅପେକ୍ଷା କରିଥିବା ପ୍ରାର୍ଥୀଙ୍କୁ କ୍ରମ କିମ୍ବା ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଦେବା ପାଇଁ ଏହା ଉନ୍ମୁକ୍ତ ରହିଛି । ରାଜ୍ୟ ପାଇଁ ବିଜ୍ଞ ଅଧିବକ୍ତା ସୁଶ୍ରୀ ଇନ୍ଦୁ ମଲହୋତ୍ରାଙ୍କ ଯୁକ୍ତି ହେଉଛି ଯେ, ଏହି ତାଲିକା ପ୍ରସ୍ତୁତ ହେବାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଛି ଏବଂ ତାଲିକାରେ ଅପେକ୍ଷା କରିଥିବା ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଦାବି କରିବାର କୌଣସି ଅଧିକାର ନାହିଁ ।

ତେଣୁ ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା କ୍ରମରେ ପ୍ରତୀକ୍ଷା ତାଲିକାରେ ଥିବା ପ୍ରାର୍ଥୀଙ୍କ ନିଯୁକ୍ତିର ନିର୍ଦ୍ଦେଶ ଦେବାରେ ସଠିକ ନୁହନ୍ତି । ଏହା ସତ୍ୟ ଯେ, ପ୍ରତୀକ୍ଷା ତାଲିକା କେବଳ ଏକ ବର୍ଷ ପାଇଁ ବୈଧ ହେବ ଏବଂ ଏହାର ସମାପ୍ତି ପରେ ପ୍ରତୀକ୍ଷା ତାଲିକା ସମାପ୍ତ ହୋଇଯିବ; କିନ୍ତୁ ଉଚ୍ଚ ନ୍ୟାୟାଳୟ ଯାହା ନିର୍ଦ୍ଦେଶ ଦେଇଥିବା ପରି ମନେହୁଏ ତାହା ଥିଲା ଯେ କୌଣସି ବିଦ୍ୟମାନ ପଦବୀରେ କୌଣସି କାମଚଳା ନିଯୁକ୍ତି କରାଯିବା ଘଟଣାରେ, ନିୟମାବଳୀ ବ୍ୟତିରେକ, ଉତ୍ତରଦାତାମାନଙ୍କୁ କାମଚଳା ନିଯୁକ୍ତି ପାଇଁ ବିଚାର କରାଯିବ କାରଣ ସେମାନଙ୍କ ନାମ ଚୟନ ତାଲିକାରେ ଅଛି, ଯଦି ସରକାର ଏପରି ନିଯୁକ୍ତି କରିବାକୁ ପସନ୍ଦ କରନ୍ତି ।

3. ଉଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟରେ ଆମେ କୌଣସି ବେଆଇନତା ପାଇନାହୁଁ । ଅପିଲକାରୀଙ୍କ ପାଇଁ ଏହା ଏକ ବିକଳ୍ପ ଅଟେ । ଯଦି ଅପିଲକାରୀମାନେ ପଦବୀରେ କୌଣସି ନିଯୁକ୍ତି ନ କରନ୍ତି, ତେବେ ପ୍ରତୀକ୍ଷା ତାଲିକାରେ ଥିବା ପ୍ରାର୍ଥୀଙ୍କ ଦାବି ଉପରେ ବିଚାର କରିବାର ପ୍ରଶ୍ନ ଉଠୁନାହିଁ । ଯଦି ଅପିଲକାରୀମାନେ କାମଚଳା ଭିତ୍ତିରେ ନିଯୁକ୍ତି କରିବାକୁ ପସନ୍ଦ କରନ୍ତି, ତେବେ ନିଶ୍ଚିତ ଭାବରେ ପ୍ରତୀକ୍ଷା ତାଲିକା, ଯଦିଓ ଏହା ସମାପ୍ତ ହୋଇଛି, ସେଥିରେ ଥିବା ପ୍ରାର୍ଥୀମାନଙ୍କୁ, ନିୟମାବଳୀ ବ୍ୟତିରେକ, ନିଯୁକ୍ତି ପାଇଁ ବିଚାର କରାଯିବା ଆବଶ୍ୟକ ଯାହା ଭବିଷ୍ୟତରେ ନିଯୁକ୍ତି ପାଇଁ ସେମାନଙ୍କୁ କୌଣସି ଅଧିକାର ପ୍ରଦାନ କରିନପାରେ । ନିୟମିତ ନିଯୁକ୍ତି ଅପେକ୍ଷାରେ ଅସ୍ଥାୟୀ ନିଯୁକ୍ତି କରିବା ପାଇଁ ଏହା କେବଳ ଏକ ସମର୍ଥକାରୀ ନିର୍ଦ୍ଦେଶ ଅଟେ ।

4. ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ଉତ୍ତରଦାତାମାନେ ସାଧାରଣ ପ୍ରାର୍ଥୀ ହୋଇଥିବାରୁ କେବଳ ସାଧାରଣ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ସ୍ଥିରୀକୃତ ଅଂଶ ବିରୁଦ୍ଧରେ ବିଚାର କରାଯିବ ।

ତଦନୁସାରେ ଅପିଲଗୁଡ଼ିକର ଫଏସଲା କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. — ଅପିଲଗୁଡ଼ିକର ଫଏସଲା କରାଯାଇଛି ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ